### ଆଦିବାସୀ ନାବାଳିକାଙ୍କୁ ଅସଦାଚରଣରୁ ତୁମୁଳକାଣ୍ଡ

# ତହସିଲଦାରଙ୍କ ଗାଡ଼ି ଭାଙ୍ଗିଲେ, ପୁଲିସକୁ ଗୋଡ଼ାଇ ପିଟିଲେ

**ରାଇରଙ୍ଗପୁର, ୧୩।୩ (ସମିସ):** ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ତିରିଂ ଥାନା ଅଞ୍ଚଳରେ ଆଜି ତୁମୁଳକାଣ୍ଡ ଘଟିଛି। ଗ୍ରାମବାସୀ ଓ ପୁଲିସ ମଧ୍ୟରେ କଥା କଟାକଟିରୁ ଉତ୍ତେଜନା ପ୍ରକାଶ ପାଇବାରୁ ଉତ୍ୟକ୍ତ ଲୋକେ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ପୁଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି। ଏଥିରେ ୮ରୁ ୯ଜଣ ପୁଲିସ ଆହତ ହୋଇଥିବା ଜଣାଯାଇଛି। ଖାଲି ସେତିକି ନୁହେଁ, ଉତ୍ୟକ୍ତ ଗ୍ରାମବାସୀ ବହଳଦା ବାଇପାସ୍ ନିକଟରେ ୨୨୦ନଂ ଜାତୀୟ ରାଜପଥକୁ ୬ଘଣ୍ଟା ଧରି ଅବରୋଧ କରିବାରୁ ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିଲା। ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତଥାପି, ଉତ୍ତେଜନା ଜାରି ରହିଥିବାରୁ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି।



ସୂଚନାନୁଯାୟୀ, ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ଗୁରୁବାର ବ୍ୟାଙ୍କ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକାଜଣଙ୍କ ସେଠାରୁ ଖସି ଆସି ଏ ବାବଦରେ ପରିବାରଲୋକଙ୍କୁ ଜଣାଇଥିଲେ। କଥା ଗାଁରେ ଜଣାପଡ଼ିବା ପରେ ଗ୍ରାମବାସୀମାନେ ଉତ୍ୟକ୍ତ ହୋଇପଡ଼ିଥିଲେ। ସଂଘବଦ୍ଧ ହୋଇ ଗୁରୁବାର ସନ୍ଧ୍ୟାରେ ଉକ୍ତ ଯୁବକଙ୍କ ଗ୍ରାମକୁ ଯାଇଥିଲେ। ଯୁବକକୁ ଖୋଜାଖୋଜି କରିଥିବା ବେଳେ ସେ ଫେରାର୍ ଥିବାରୁ ତାଙ୍କୁ ପାଇନଥିଲେ। ଉତ୍ତେଜିତ ହୋଇ ଯୁବକଙ୍କ ଘରକୁ ଗ୍ରାମବାସୀ ଭଙ୍ଗାରୁଜା କରିଥିଲେ। ଯୁବକକୁ ପୁଲିସ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏହାସହ ଅସଦାଚରଣ ଯୋଗୁଁ ଆହତ ନାବାଳିକାଙ୍କୁ ଏକ ଖଟରେ ଶୁଆଇ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ।

କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଆଜି ପୁଣି ଗ୍ରାମବାସୀମାନେ ବହଳଦା ବାଇପାସ୍‌ରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ତହସିଲଦାର, ବିଡିଓ ଓ ବିଭିନ୍ନ ଥାନାର ଆଇଆଇସି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଗ୍ରାମବାସୀ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ ହେବା ସହ କଥା କଟାକଟି ହୋଇଥିଲା। ଏଥିରେ ଗ୍ରାମବାସୀମାନେ ଅଧିକ ଉତ୍ୟକ୍ତ ହୋଇପଡ଼ିଥିଲେ ଏବଂ ବୁଝାସୁଝା କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଇଟା, ପଥର ଫିଙ୍ଗିବା ସହ ବାଡ଼ଉଁଶରେ ଆକ୍ରମଣ କରିଥିଲେ। ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ଗ୍ରାମବାସୀମାନେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଉକ୍ତ ଆକ୍ରମଣରେ ୮/୯ ଜଣ ପୁଲିସ ଆହତ ହୋଇଥିବା ନେଇ ସୂଚନା ମିଳିଛି। ଜବାବରେ ପୁଲିସ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ଲାଗି ରହିଥିଲା। ଅପରପକ୍ଷେ, ରାସ୍ତା ଅବରୋଧ ପାଇଁ ପ୍ରାୟ ୬ ଘଣ୍ଟା ଧରି ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଅଟକ ରହିଥିଲା। ସ୍ଥିତି କ୍ରମଶଃ ଜଟିଳ ହେବାରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଅପରପକ୍ଷେ, ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ନାବାଳିକାର ପରିବାରଲୋକେ ତିରିଂ ଥାନାରେ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ଯୁବକକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। କିନ୍ତୁ ଉତ୍ତେଜନା ସଂପୂର୍ଣ୍ଣ ଥମି ନଥିବାରୁ କୌଣସି ଅଘଟଣ ଆଶଙ୍କାରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଫ୍ଲାଗମାର୍ଚ୍ଚ କରାଯାଇଛି।

**୬ ଘଣ୍ଟା ପରେ ହଟିଲା ରାସ୍ତା ଅବରୋଧ**

**ସ୍ଥାନୀୟ ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ**

# ପ୍ରାପ୍ତବୟସ୍କ ଝିଅକୁ ସଂପର୍କରେ ରହିବାକୁ ବାଧ କରାଯାଇପାରିବ ନାହିଁ

**କଟକ, ୧୩।୩ (ସମିସ):** ଯଦି ଜଣେ ପ୍ରାପ୍ତବୟସ୍କ ଝିଅ ଏକାକୀ ରହିବାକୁ ସ୍ୱାଧୀନ ନିଷ୍ପତ୍ତି ନେଇଛନ୍ତି ଓ ଶ୍ୱଶୁରଘର ଓ ବାପା-ମା'ଙ୍କଠାରୁ ଦୂରତ୍ୱ ରକ୍ଷା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି, ତାଙ୍କୁ ସେମାନଙ୍କ ସହ ସଂପର୍କରେ ରହିବା ପାଇଁ ଆଇନ ବାଧ କରିପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଝିଅକୁ ଖୋଜି ବାହର କରିବାକୁ ମା'ଙ୍କ ତରଫରୁ ଦାୟର ପିଟିସନକୁ ଖାରଜ କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଯଦି ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଏପରି ନିର୍ଣ୍ଣୟରେ କୌଣସି ବାଧା ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ସେହିଭଳି ପ୍ରାପ୍ତବୟସ୍କ ଝିଅକୁ ଖୋଜି ବାହାର କରିବାକୁ ହେବିୟସ କର୍ପସ ପିଟିସନକୁ ସାଧନ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏଥିସହ ନିଜ ଇଚ୍ଛାରେ ଏକାକୀ ରହିବାକୁ ତଥା ଶ୍ୱଶୁରଘର ଲୋକ ଓ ବାପା-ମା'ଙ୍କ ଠାରୁ ଦୂରତ୍ୱ ରକ୍ଷା କରିବାକୁ ନିଷ୍ପତ୍ତି ନେଇଥିବା ପ୍ରାପ୍ତ ବୟସ୍କ ଯୁବତୀଙ୍କ ଉଦ୍ଧାର ପ୍ରସଙ୍ଗକୁ ନେଇ ଦାୟର ହେବିୟସ କର୍ପସ ପିଟିସନ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଏକ ବର୍ଷରୁ ଅଧିକ ସମୟ ହେବ ପରିବାର ସଦସ୍ୟ ଯୁବତୀଙ୍କ ଖୋଜ ଖବର ପାଉ ନଥିବା ଓ ତାଙ୍କ ସ୍ଥିତି ନେଇ ଚିନ୍ତିତ ଥିବା ଦର୍ଶାଇ ମା'ଙ୍କ ତରଫରୁ ହାଇକୋର୍ଟରେ ଏହି ପିଟିସନ ଗତ ବର୍ଷ ଦାୟର କରାଯାଇଥିଲା। ଆବେଦନକାରୀଙ୍କ ଝିଅ ବିବାହିତା ଓ ତାଙ୍କ ବୈବାହିକ ବିବାଦ ମାମଲା ସିଭିଲ୍ କୋର୍ଟରେ ଏବେ ବିଚାରାଧୀନ ବୋଲି ଆବେଦନର ଶୁଣାଣି ବେଳେ ଜଣାପଡ଼ିଥିଲା। ଝିଅଜଣଙ୍କ ଶ୍ୱଶୁରଘର ନିଜ ଇଚ୍ଛାରେ ଛାଡ଼ି ଚାଲିଯିବା ସହିତ ଏକ ଦୂର ସ୍ଥାନରେ ରହିଛନ୍ତି। ୨୦୨୪ରେ ଝିଅଜଣଙ୍କ ଥାନାରେ ହାଜର ହୋଇ ନିଜ ଶ୍ୱଶୁର ଘରେ ଓ ବାପା-ମା'ଙ୍କ ନିକଟରେ ରହିବାକୁ ଆଗ୍ରହୀ ନଥିବା ଓ ନିଜେ ସ୍ୱାବଲମ୍ବୀ ବୋଲି ପୁଲିସକୁ ସେତେବେଳେ କହିଥିଲେ। ଅନ୍ୟପକ୍ଷରେ ଆବେଦନକାରୀ ମା' ନିଜ ଝିଅ ପାଇଁ ଚିନ୍ତିତ ଓ ସେ ଝିଅର ଅବସ୍ଥାନ ପ୍ରସଙ୍ଗରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

■ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ଖର୍ଚ୍ଚଦାବି ଆଲୋଚନାରେ ବର୍ଷିଲେ ବିରୋଧୀ

# ୨ ବର୍ଷରେ ଓଡ଼ିଶା ଛାଡ଼ିଲେଣି ୩୫ ଶିଳ୍ପ ସଂସ୍ଥା

**ଭୁବନେଶ୍ୱର, ୧୩।୩(ସମିସ):** ରାଜ୍ୟ ସରକାର ଶହ ଶହ ଶିଳ୍ପସଂସ୍ଥା ସହ ଏମଓୟୁ କରୁଛନ୍ତି ବୋଲି କହୁଛନ୍ତି। ମାତ୍ର ଶିଳ୍ପ ମନ୍ତ୍ରୀ ଟିକେ ନିଜ ବିଧାୟକଙ୍କୁ ପଚାରନ୍ତୁ, କେଉଁ ଜିଲ୍ଲାରେ କେତେ ଏମଓୟୁ କାର୍ଯ୍ୟାନ୍ୱୟନ ହୋଇଛି। ନୂଆ ଶିଳ୍ପ ପ୍ରକଳ୍ପ ତ ହେଲା ନାହିଁ, ଗତ ୨ ବର୍ଷରେ ଓଡ଼ିଶା ଛାଡ଼ି ବଡ଼ ବଡ଼ ପ୍ରାୟ ୩୫ ଶିଳ୍ପ ସଂସ୍ଥା ପଳାଇଲେଣି। ତୃତୀୟ ବଜେଟ ସୁଦ୍ଧା ଉଭୟ ଶିଳ୍ପ ଏବଂ ଏମଏସଏମଇ ବିଭାଗର ପ୍ରଦର୍ଶନ ଶୂନ ବୋଲି ସମାଲୋଚନା କରିଛନ୍ତି ବିରୋଧୀ। ଶିଳ୍ପ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ(ଏମଏସଏମଇ) ବିଭାଗର ବିଭାଗୀୟ ଖର୍ଚ୍ଚଦାବୀ ଆଲୋଚନାରେ ଭାଗ ନେଇ ବିରୋଧୀ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପ ନୀତି ତଳକୁ ଖସିଛି ବୋଲି ଉଦବେଗ ପ୍ରକାଶ କରିଛନ୍ତି।

**ଶିଳ୍ପ ସଂସ୍ଥା କାହିଁକି ଓଡ଼ିଶା ଛାଡୁଛନ୍ତି, ଜାରି କରାଯାଉ ଶ୍ୱେତପତ୍ର**

ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଥିଲେ ଯେ ସବୁ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ପାରାଦୀପରେ ଜେଏସଡବ୍ଲ୍ୟୁ ସହିତ ଏକ ବୃହତ ପ୍ରକଳ୍ପ ଲାଗି ପୂର୍ବ ସରକାର ଏମଓୟୁ କରିଥିଲେ। ଜମି ନଦେବାରୁ ମହାରାଷ୍ଟ୍ରର ଔରଙ୍ଗାବାଦକୁ ସେହି ପ୍ରକଳ୍ପ ପଳାଇଲା। ଓଡ଼ିଶାରୁ ଦାଦନ ଯିବା ଲୋକଙ୍କ ସଂଖ୍ୟା ବଢ଼ିଛି । ସରକାର ପ୍ରତିଶ୍ରୁତି ପୂରଣ କରି ପାରୁନାହାନ୍ତି। ଅନ୍ୟପଟେ ବଡ଼ ବଡ଼ ଶିଳ୍ପ ଓଡ଼ିଶା ଛାଡ଼ି ଚାଲିଯାଉଛନ୍ତି। ଶିଳ୍ପ ସଂସ୍ଥା କାହିଁକି ଓଡ଼ିଶା ଛାଡୁଛନ୍ତି ସେ ପ୍ରସଙ୍ଗରେ ସରକାର ଏକ ଶ୍ୱେତପତ୍ର ଜାରି କରନ୍ତୁ ବୋଲି କଳିକେଶ ଦାବି କରିଛନ୍ତି। ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି ଯେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ ଅଧିକାରୀମାନଙ୍କ ସହ ଦିଲ୍ଲୀ, କୋଲକତା, ବେଙ୍ଗୁଲୁରୁ, ହାଇଦ୍ରାବାଦ ଏବଂ ବିଦେଶ ବୁଲି ଉତ୍କର୍ଷ ଓଡ଼ିଶା ପ୍ରଚାର କଲେ। ରାଜ୍ୟକୁ ୨୨.୫ ଲକ୍ଷ କୋଟି ପୁଞ୍ଜି ନିବେଶ ଆସିବ ବୋଲି କହିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି ୭ ଲକ୍ଷ ୪୧ ହଜାର କୋଟିର ନିବେଶ ଆସିବ । ଏଥିରୁ କେଉଁ ତଥ୍ୟ ଠିକ ବୋଲି ଶ୍ରୀ ଦେବ ପ୍ରଶ୍ନ କରିଥିଲେ। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାକୁ କେନ୍ଦ୍ର ବଜେଟରୁ ଶିଳ୍ପ କ୍ଷେତ୍ରକୁ ଅନୁଦାନ ହ୍ରାସ ହୋଇଛି । ସମସ୍ତ ବିଭାଗ ଓଡ଼ିଶାରେ ଉତ୍ପାଦିତ ଉତ୍ପାଦ କିଣିବା ବାଧ୍ୟ ବୋଲି ସରକାର ନିର୍ଦ୍ଦେଶ ଦେଲେ ରାଜ୍ୟରେ ଶିଳ୍ପାୟନ ସୁଦୃଢ଼ ହେବ ଏବଂ ଓଡ଼ିଆ ଯୁବକଯୁବତୀ ନିଯୁକ୍ତି ପାଇବେ ବୋଲି ପ୍ରତାପ ଦେବ କହିଥିଲେ।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ଆମ ରାଜ୍ୟରେ ଖଣି ଖାଦାନଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ସମ୍ପଦରେ ଭରପୂର ଅଛି। ଓଡ଼ିଶାରେ ମାନୁଫାକ୍‌ଚରିଙ୍ଗ୍ ହବର ଆବଶ୍ୟକତା ରହିଛି। ବଡ଼ବଡ଼ କମ୍ପାନୀ ଶିଳ୍ପ ବସାଇବାକୁ ଓଡ଼ିଶା ଆସିଥିଲେ, ସରକାର ଜମି ନଦେବାରୁ ସେମାନେ ଚାଲିଗଲେ। ପୋସ୍କୋଠାରୁ ଆରମ୍ଭ କରି ମିତ୍ତଲ ଭଳି ବଡ଼ ଶିଳ୍ପ ଓଡ଼ିଶା ସରକାରଙ୍କ ସହ ଏମଓୟୁ କରି ଫେରିଯାଇଛନ୍ତି। ଦୁଇବର୍ଷ ମଧ୍ୟରେ ଏବର ସରକାର କିଛି କରିନାହାନ୍ତି ବୋଲି ଶ୍ରୀ ବାହିନୀପତି କହିଥିଲେ। ଅନ୍ୟପକ୍ଷରେ ସରକାରୀ ଦଳ ପକ୍ଷରୁ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏହି ବଜେଟକୁ ସମର୍ଥନ କରିବା ସହ ଶିଳ୍ପାୟନ ହେଲେ ସାମଗ୍ରିକ ବିକାଶ ହେବ ବୋଲି କହିଛନ୍ତି। ଆଲୋଚନାରେ ବିଧାୟିକା ସୋଫିଆ ଫିରଦୋସ, ତୁଷାରକାନ୍ତି ବେହେରା, ଦୁଷ୍ମନ୍ତ କୁମାର ସ୍ୱାଇଁ, ଧ୍ରୁବଚରଣ ସାହୁ, ମାନସ କୁମାର ଦତ୍ତ, ପ୍ରତାପ ଚନ୍ଦ୍ର ନାୟକ, ରଘୁନାଥ ଜଗଦଲା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

● ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚଦାବି ପାରିତ

# ସରକାର ଅନୁମୋଦିତ ପ୍ରକଳ୍ପରୁ ୩୫ ପ୍ରତିଶତ କାର୍ଯ୍ୟକାରୀ

**ଭୁବନେଶ୍ୱର, ୧୩।୩(ସମିସ):** ସେଣ୍ଟର୍ ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ) ରିପୋର୍ଟ ଅନୁସାରେ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ଆନ୍ଧ୍ରପ୍ରଦେଶ ପରେ ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୪ ଜୁନ୍‌ରେ ରାଜ୍ୟରେ ସରକାର ଗଠନଠାରୁ ୩୯୨ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି। ଏହାଦ୍ୱାରା ୮ ଲକ୍ଷ ୧୫ ହଜାର ୮୨୮କୋଟି ଟଙ୍କାର ପୁଞ୍ଜିନିବେଶ ଆସିଛି। ୨ଲକ୍ଷ ୧୩ ହଜାର ୮୦୬ କୋଟି ମୂଲ୍ୟର ୧୧୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୧ଲକ୍ଷ ୭୭ହଜାର ୭୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ଖର୍ଚ୍ଚ ଦାବି ଆଲୋଚନାରେ ଉତ୍ତର ରଖି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ଏଯାବତ୍ ୧୧୧ଟି ପ୍ରକଳ୍ପ କାର୍ଯ୍ୟକାରୀ(ଗ୍ରାଉଣ୍ଡିଂ) ହୋଇଥିବା ବେଳେ ଏଥିରେ ୨ଲକ୍ଷ ୧୩୮୦୬କୋଟି ନିବେଶ କରାଯାଇଛି। ଏହା ମୋଟ ଅନୁମୋଦିତ ପ୍ରକଳ୍ପର ୩୫ପ୍ରତିଶତ ବୋଲି ମନ୍ତ୍ରୀ କହିଛନ୍ତି।

ଆଲୋଚନାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଜେଡି ବିଧାୟକ କଳିକେଶ ସିଂଦେଓଙ୍କ ସ୍ପଷ୍ଟୀକରଣ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ଆର୍ସେଲର ମିତ୍ତଲ ଦ୍ୱାରା ପାରାଦ୍ୱୀପ ଓ କେନ୍ଦ୍ରାପଡ଼ାରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ପରିବେଶ ଅନୁମତି ଅପେକ୍ଷାରେ ରହିଛି। ଉକ୍ତ ଶିଳ୍ପ ପାଇଁ ରାସ୍ତା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାମ ଜାରି ରହିଛି। ତାଙ୍କ ଅଧିକାରୀମାନେ ପ୍ରକଳ୍ପ କାମର ସମୀକ୍ଷା କରୁଛନ୍ତି। ସେହିଭଳି ଜେଏସ୍‌ଡବ୍ଲୁ କରିଥିବା ଏମଓୟୁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପ୍ରକ୍ରିୟାରେ ଅଛି। ସେମାନେ ଓଡ଼ିଶାରେ ନିବେଶ କରିବେ ନାହିଁ ବୋଲି ମନା କରିନାହାନ୍ତି। ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି ମନ୍ତ୍ରୀ ଉତ୍ତରରେ କହିଥିଲେ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଗତ ବର୍ଷକ ମଧ୍ୟରେ ଓଡ଼ିଶା ସରକାର ରାଜ୍ୟରେ ପୁଞ୍ଜିନିବେଶ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଟେକ୍ସ ୨୦୨୫, ଓଡ଼ିଶା ଫାର୍ମା ସମ୍ମିଳନୀ ଏବଂ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପୁଞ୍ଜିନିବେଶ ଆକର୍ଷଣ ଉଦ୍ୟମକୁ ବହୁଗୁଣିତ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

**■ କୌଣସି ଶିଳ୍ପସଂସ୍ଥା ଓଡ଼ିଶାରେ ପ୍ରକଳ୍ପ ସ୍ଥାପନ ନେଇ ମନା କରିନାହାନ୍ତି**

**■ ମଙ୍ଗଳବାର ଯାଏଁ ଗୃହ ମୁଲତବୀ**

ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ନିଜ ଉତ୍ତରରେ ବିଭାଗ ନେଇଥିବା ଏକାଧିକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ତ୍ରୀଦ୍ୱୟଙ୍କ ଉତ୍ତର ପରେ ଉଭୟ ବିଭାଗର ଖର୍ଚ୍ଚ ଦାବି ପାରିତ ହୋଇଥିଲା। ଅପରପକ୍ଷେ ଆସନ୍ତା ୧୬ତାରିଖରେ ରାଜ୍ୟସଭା ପାଇଁ ଭୋଟ୍ ଥିବାରୁ କାର୍ଯ୍ୟ ପରାମର୍ଶଦାତା କମିଟିର ରିପୋର୍ଟ ଅନୁଯାୟୀ ସେହିଦିନ ଗୃହ ଚାଲିବ ନାହିଁ। ତେଣୁ ଆସନ୍ତା ମଙ୍ଗଳବାର ସାଢ଼େ ୧୦ଟା ଯାଏଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମୁଲତବୀ ରଖିଛନ୍ତି।

# ଯାତ୍ରା ଦେଖି ଫେରିବା ବେଳେ ମାଡ଼ିଗଲା ବୋଲେରୋ; ଜଣେ ମୃତ




**କୁଚିଣ୍ଡା, ୧୩।୩ (ସମିସ):** ଯାତ୍ରା ଦେଖି ଫେରିବା ବେଳେ ମାଡ଼ିଗଲା ବୋଲେରୋ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ ମହୁଲପାଲି ଥାନା କଦୋପଡ଼ା ନିକଟରେ ଏପରି ଏକ ଅଘଟଣ ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ମହୁଲପାଲି ଥାନା କଦୋପଡ଼ା ଟାଇଁସରଠାରେ ଧନୁଯାତ୍ରା ଆୟୋଜନ ହେଉଛି। ଶୁକ୍ରବାର ରାତିରେ କିଛି ଲୋକ ଯାତ୍ରା ଦେଖି କଦୋପଡ଼ାକୁ ଫେରୁଥିଲେ। ଏହି ସମୟରେ କୁସୁମୀ ପଟୁ କୁଚିଣ୍ଡା ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ଏକାଧିକ ଲୋକ ଆହତ ହୋଇଥିଲେ। ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ ସେଠାରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୯ ଆହତଙ୍କ ମଧ୍ୟରୁ ୪ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପ୍ରଶାସନିକ, ପୁଲିସ ଅଧିକାରୀ ଉଦ୍ଧାର କାର୍ଯ୍ୟ କରିଥିଲେ।

# ହାତୀ ପାଦ ତଳେ ଗଲା ୨ ଜୀବନ

**ଜି.ଉଦୟଗିରି, ୧୩।୩ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବାମଦେବ ପ୍ରଧାନ ଓ କୀର୍ତ୍ତନ ବଗର୍ତ୍ତି। ଶୁକ୍ରବାର ସନ୍ଧ୍ୟାରେ ବାମଦେବ ଓ କୀର୍ତ୍ତିନ ପାବୁରିଆ ସେକ୍ସନ ଅନ୍ତର୍ଗତ ଡାମ୍ବି ଅଞ୍ଚଳ ଜଙ୍ଗଲରୁ ଫେରୁଥିବା ବେଳେ ଉତ୍ତର ଘୁମୁସର ବନାଞ୍ଚଳରୁ ଫେରିଥିବା ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ସେମାନଙ୍କୁ ଦଳି ଦେଇଥିଲା। କିଛି ଲୋକ ସେହି ବାଟ ଦେଇ ଫେରୁଥିବା ବେଳେ ଏହା ଦେଖିଥିଲେ। ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ସହ ରାତି ହୋଇଯିବାରୁ ମୃତଦେହ ଉଦ୍ଧାର କରାଯାଇପାରିନାହିଁ। କିଛି ଦିନ ତଳେ ଦନ୍ତା ଏହି ଅଞ୍ଚଳରେ ୩ ଜୀବନ ନେଇଥିବା ବେଳେ ବର୍ତ୍ତମାନ ପୁଣି ୨ଜଣଙ୍କ ମୃତ୍ୟୁ ପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଖବର ପାଇ ଜି.ଉଦୟଗିରି ବନାଞ୍ଚଳ ମାଣିକେଶ୍ୱରୀ ପଟ୍ଟନାୟକ ଓ ପାବୁରିଆ ସେକ୍ସନ୍ ବନପାଳ ମନୋଜ କୁମାର ଝା ସଦଳବଳ ପହଞ୍ଚି ଘଟଣା ଉପରେ ନଜର ରଖିବା ସହ ହାତୀ ଗତିବିଧି ଅନୁଧ୍ୟାନ କରୁଛନ୍ତି।

# ଖାଇବାକୁ ନ ଦେବାରୁ ନିଶାସକ୍ତ ସ୍ତ୍ରୀକୁ ପିଟିପିଟି ହତ୍ୟା

**ଦେବଗଡ଼, ୧୩।୩ (ସମିସ):** ନିଶା ଆଉ ଏକ ପରିବାର ଉଜାଡ଼ିଛି। ଖାଇବାକୁ ନ ଦେବାରୁ ନିଶାସକ୍ତ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଦେବଗଡ଼ ଥାନା ବ୍ରାହ୍ମଣୀମାଳ ଗାଁରେ ଏହି ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରେବତୀ ରଣା। ଜାନୁଆରୀ ୨୩ରେ ତାଙ୍କର ସନ୍ଦେହଜନକ ମୃତ୍ୟୁକୁ ନେଇ ଦେବଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। କିନ୍ତୁ, ପରବର୍ତ୍ତୀ ସମୟରେ ବ୍ୟବଚ୍ଛେଦ ରିପୋର୍ଟକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀ ଜଗ ରଣାକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସ୍ୱାମୀକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

**ନିଶା ଉଜାଡ଼ିଲା ପରିବାର**

ସୂଚନାନୁଯାୟୀ, ରେବତୀ ବିଭିନ୍ନ ସମୟରେ ନିଶା ଖାଉଥିଲେ। ଏଥିପାଇଁ ଘରର ଚାଉଳ, ଡାଲି ଆଦି ବିକ୍ରି କରୁଥିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଗତ ଜାନୁଆରୀ ୨୩ ତାରିଖ ରାତିରେ ରେବତୀ ଘରେ ନିଶାସକ୍ତ ଅବସ୍ଥାରେ ଥିବା ସମୟରେ ଜଗ ଘରକୁ ଫେରି ତାଙ୍କୁ ଖାଇବାକୁ ମାଗିଥିଲେ। ମାତ୍ର ରେବତୀ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଗ ଏକ ବାଡ଼ିରେ ତାଙ୍କୁ ନିସ୍ତୁକ ପିଟିବା ସହ ତାଙ୍କ ଛାତି ଉପରେ ଏକ ପଥର କଚାଡ଼ି ଦେଇଥିଲେ। ପରେ ସେ ତାଙ୍କୁ ଦେବଗଡ଼ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜଗ ଥାନାରେ ଅଭିଯୋଗ କରିଥିଲେ ଯେ ନିଶା ସେବନ କରି ତଳେ ପଡ଼ିଯିବାରୁ ରେବତୀଙ୍କର ମୃତ୍ୟୁ ଘଟିଛି। କିନ୍ତୁ ରେବତୀଙ୍କ ଛାତିରେ ମାଡ଼ ମରାଯାଇଥିବାରୁ ତାଙ୍କର ୩ଟି ପଞ୍ଜରା ହାଡ ଭାଙ୍ଗିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିବା ପରେ ପୁଲିସ ପୂର୍ବରୁ ହୋଇଥିବା ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଜଗ ନିଜେ ସ୍ତ୍ରୀ ରେବତୀଙ୍କ ଛାତି ଉପରେ ପଥର କଚାଡ଼ି ତାଙ୍କୁ ହତ୍ୟା କରିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଥିଲା।

# ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ଶୀଘ୍ର: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୩(ସମିସ):** ରାଜ୍ୟର ୧୪ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଜୁନ୍ ୪ ତାରିଖରେ ୧୩ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସାଢ଼େ ୭ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ସରିପାରୁନାହିଁ। ନିୟମିତ କୁଳପତି ନ ଥିବାରୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଲଗାମଛଡ଼ା ହୋଇଛି। ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଥିବା ବେଳେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ସରକାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରିତ ସାରିବାକୁ ଏକାଧିକଥର କହୁଥିଲେ ମଧ୍ୟ ନିଯୁକ୍ତି ସରୁନାହିଁ। ବିଧାୟକ ଟଙ୍କଧର ତ୍ରିପାଠୀ ଏହି ପ୍ରସଙ୍ଗକୁ ଆଜି ବିଧାନସଭାରେ ଉଠାଇ କେବେ ସୁଦ୍ଧା କୁଳପତି ନିଯୁକ୍ତି କରାଯିବ ବୋଲି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଓଡ଼ିଆ ବିଶ୍ୱବିଦ୍ୟାଳୟ ସମେତ ମୋଟ୍ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପାଇଁ ଆବେଦନଗୁଡ଼ିକର ତର୍ଜମା ଓ ସାକ୍ଷାତକାର ସରିଛି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଯଥାଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବ।

### ନୂଆଦିଲ୍ଲୀରେ 'ଓଡ଼ିଶା ପର୍ବ-୨୦୨୬' ଉଦ୍‌ଘାଟିତ

# ନିଜକୁ 'ଓଡ଼ିଆ' କହିବାରେ ଯୁବପିଢ଼ି ଗର୍ବ କରନ୍ତୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩।୩ (ସମିସ):** ଶୁକ୍ରବାର ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସଠାରେ ଆୟୋଜିତ 'ଓଡ଼ିଶା ପର୍ବ-୨୦୨୬'କୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଆ ପରିଚୟର ମୂଳଦୁଆ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବିଶ୍ୱ ଦରବାରରେ ଓଡ଼ିଆମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଆୟୋଜିତ ଏହି ପର୍ବ ଆମ ଅସ୍ମିତାକୁ ପୁନଃସ୍ଥାପିତ କରିବାର ଏକ ମହାନ ଅବସର।

**ଯୋଗଦେଲେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍**




ସେ ଆହୁରି କହିଛନ୍ତି, 'ଓଡ଼ିଶା ପର୍ବ' ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ଦକ୍ଷତାର ଅପୂର୍ବ ସମନ୍ୱୟ। ଚଳିତବର୍ଷର ଏହି ଉତ୍ସବ ଅଧିକ ଗୌରବମୟ। କାରଣ ଆମେ ଏବେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ, ଲୌହମାନବ ସର୍ଦ୍ଦାର ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ, ମା' ରମାଦେବୀ ଓ ଶହୀଦ ବାଜି ରାଉତଙ୍କ ଭଳି ମହାନ୍ ଜନନାୟକଙ୍କ ସ୍ମୃତିଚାରଣ ମଧ୍ୟ ଏହି ସମୟକୁ ଅଧିକ ପ୍ରାସଙ୍ଗିକ କରୁଛି।

ଓଡ଼ିଶା ପର୍ବର ଏହି ମଞ୍ଚ ଆଜି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଲାଭ କରିଛି। ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ଦେଶର ବିଶିଷ୍ଟ ନେତୃବୃନ୍ଦ ଏଥିରେ ସାମିଲ ହୋଇ ଆମ ସଂସ୍କୃତିର ଗୌରବକୁ ବୃଦ୍ଧି କରିଛନ୍ତି। ଓଡ଼ିଶା ପର୍ବ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସଂକଳ୍ପକୁ ଦୃଢ଼ୀଭୂତ କରୁଛି। ଦିଲ୍ଲୀରେ ରହୁଥିବା ସମସ୍ତ ଜନସାଧାରଣ ବିଶେଷଭାବେ ମୋର ପ୍ରବାସୀ ଓଡ଼ିଆ ଭାଇଭଉଣୀମାନଙ୍କୁ ଏହି ପର୍ବକୁ ଆସି ଓଡ଼ିଶାର କଳା, ସଂସ୍କୃତି ଓ ପ୍ରକୃତିର ଅପୂର୍ବ ସମନ୍ୱୟକୁ ଉପଭୋଗ କରିବାକୁ ନିମନ୍ତ୍ରଣ ଦେଇଛନ୍ତି ଶ୍ରୀ ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ପର୍ବ ପରିସରରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିବା ସହ ଶିଳ୍ପୀ ଓ କଳାକାରମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍ ଏବଂ ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

